# ସତ୍ୟବାଣୀ

# VOICE OF TRUTH

**VOL - XXVIII KAKINADA SEP-OCT-2022**


## ସମୟର ଶେଷ ପର୍ଯ୍ୟନ୍ତ

### (The Lord Supper)

ପ୍ରଭୁଭୋଜ ପାଳନ ଉପାସନାର ଅନ୍ୟ ଏକ ଅଭିନ୍ନ ଅଂଶ । ମନୁଷ୍ୟ ମାତ୍ରକେ ବିସ୍ମରଣଶୀଳ ପ୍ରାଣୀ । ତାହାଙ୍କ ବଳିଦାନ ଯେପରି ମନୁଷ୍ୟ ଭୁଲି ନ ଯାଏ, ତେଣୁ କରି ସେ ଏକ ସ୍ମାରକ ପ୍ରଥା ଏହି ଜଗତରେ ପ୍ରଚଳିତ କରିଥିଲେ । ଏହି ସ୍ମାରକ ପ୍ରଥା 'ପ୍ରଭୁଭୋଜ' ରୂପେ ପରିଚିତ ।

ଏହାର ପ୍ରାରମ୍ଭ ବିଷୟରେ କୁହାଯାଏ, ''ଆଉ ସେମାନେ କରୁଥିବା ସମୟରେ ଯୀଶୁ ରୋଟୀ ଘେନି ଆଶୀର୍ବାଦ କଲେ ଓ ତାହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ, ନିଅ ଭୋଜନ କର, ଏହା ମୋହର ଶରୀର । ପୁଣି ସେ ପାନପାତ୍ର ଘେନି ଧନ୍ୟବାଦ ଦେଲେ ଓ ସେମାନଙ୍କୁ ଦେଇ କହିଲେ, ଏଥିରୁ ସମସ୍ତେ ପାନ କର କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି । ଏ ମୋହର ସେହି ରକ୍ତ । ଖ୍ରୀଷ୍ଟଙ୍କ ଶରୀର ସ୍ମରଣାର୍ଥେ ରୋଟୀ ଓ ତାହାଙ୍କ ରକ୍ତ ସ୍ମରଣାର୍ଥେ ଦ୍ରାକ୍ଷାରସ ପାନ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଆଜ୍ଞା ଦେଇଥିଲେ । ସେପରିକି ବିସ୍ମରଣଶୀଳ ମନୁଷ୍ୟ ତାହାଙ୍କ ମହାତ୍ୟାଗ ପାସୋରି ନ ପାରେ ।

କରିନ୍ଥୀ ମଣ୍ଡଳୀକୁ ପ୍ରେରିତ ପାଉଲ କହନ୍ତି, ତୁମ୍ଭମାନଙ୍କର ସମାଗମ ହେବା ସମୟରେ ତୁମ୍ଭେମାନେ ପ୍ରଭୁଭୋଜ ପାଳନ କରି ନ ଥାଅ । କାରଣ ଭୋଜନ ସମୟରେ ପ୍ରତ୍ୟେକ ଜଣ ଅନ୍ୟର ଅପେକ୍ଷା ନ କରି ଆପଣା ଆହାର ଭୋଜନ କରେ, ସେଥିପାଇଁ ଜଣେ କ୍ଷୁଧାରେ ରହେ ଓ ଅନ୍ୟ ଜଣେ ମାତାଲ ହୁଏ । କଅଣ



ତୁମ୍ଭମାନଙ୍କର କି ଭୋଜନ ପାନ କରିବା ନିମନ୍ତେ ଘର ନାହିଁ ? ପୁଣି ଯେଉଁମାନଙ୍କର ନାହିଁ ସେମାନଙ୍କୁ ଲଜ୍ଜା ଦେଉଅଛ । ମୁଁ ତୁମ୍ଭମାନଙ୍କୁ କଅଣ କହିବି ? କଅଣ ତୁମ୍ଭମାନଙ୍କର ପ୍ରଶଂସା କରୁନାହିଁ । କଅଣ ତୁମ୍ଭମାନଙ୍କର ପ୍ରଶଂସା କରିବି ? ଏ ବିଷୟରେ ମୁଁ ତୁମ୍ଭମାନଙ୍କର ପ୍ରଶଂସା କରୁନାହିଁ । କାରଣ ମୁଁ ପ୍ରଭୁଙ୍କ ଠାରୁ ପ୍ରାପ୍ତ ଯେଉଁ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଅଛି, ତାହା ଏହି ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରୀରେ ପ୍ରଭୁଯୀଶୁ ରୋଟୀ ଘେନି ଧନ୍ୟବାଦ ଦେଇ ତାହା ଭାଙ୍ଗି କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର । ସେହିପରି ଭୋଜନ ଉତ୍ତାରେ ସେ ପାନପାତ୍ର ମଧ୍ୟ ଘେନି କହିଲେ, ଏହି ପାନପାତ୍ର ମୋହର ରକ୍ତ ସ୍ଥାପିତ ନୂତନ ନିୟମ ତୁମ୍ଭେମାନେ ଯେତେଥର ଏଥିରୁ ପାନ କର, ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର । କାରଣ ଯେତେଥର ତୁମ୍ଭମାନେ ଏହି ରୋଟୀ ଭୋଜନ କର ଓ ଏହି ପାନପାତ୍ରରୁ ପାନ କର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କର ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁଅଛ ? ଅତଏବ ଯେ କେହି ଅଯୋଗ୍ୟ ଭାବରେ ପ୍ରଭୁଙ୍କର ଏହି ରୋଟୀ ଭୋଜନ କରେ କିମ୍ବା ଏହି ପାତ୍ରରୁ ପାନ କରେ, ସେ ପ୍ରଭୁଙ୍କ ଶରୀରର ଓ ରକ୍ତର ଦାୟୀ ହେବ । କିନ୍ତୁ ମନୁଷ୍ୟ ଆପଣାକୁ ପରୀକ୍ଷା କରୁ ଆଉ ସେହିପରି ଭାବେ ଏହି ରୋଟୀ ଭୋଜନ କରୁ ଓ ଏହି ପାତ୍ରରୁ ପାନ କରୁ । କାରଣ ସେ ପ୍ରଭୁଙ୍କ ଶରୀରକୁ ବିଶେଷ ନ ମଣି ଭୋଜନ କରେ ଓ ପାନ କରେ ସେ ଆପଣା ଦଣ୍ଡ ନିମନ୍ତେ ଭୋଜନ କରେ ଓ ପାନ କରେ । (୧ମ କରନ୍ଥୀ ୧ : ୨୦ - ୨୯ ) ପ୍ରଥମେ ପାଉଲ କରିନ୍ଥୀୟ ଖ୍ରୀଷ୍ଟିୟାନ ମଣ୍ଡଳୀକୁ ସେମାନଙ୍କ ପ୍ରଭୁଭୋଜ ପାଳନର ଉଦ୍ଦେଶ୍ୟ ବିଷୟରେ ନିନ୍ଦା କରିବେ । ପ୍ରଭୁଙ୍କ ଆଜ୍ଞାନୁଯାୟୀ ପ୍ରଭୁଭୋଜ ପାଳନ ନ କରି, ଏକ ଭୋଜ ରୂପେ ପାଳନ କରିବା ଆରମ୍ଭ କରିଥିଲେ । ତେଣୁ କରି ପାଉଲ ଏହି ବାକ୍ୟାଂଶରେ ପ୍ରଭୁଭୋଜନର ପ୍ରକୃତ ଉଦ୍ଦେଶ୍ୟ ସେମାନଙ୍କୁ ବୁଝାଇ ଦେଇ ଅଛନ୍ତି । ଏହିସବୁ ଆଜ୍ଞା ସେ ପ୍ରଭୁଙ୍କ ଠାରୁ ପ୍ରାପ୍ତ ହୋଇଅଛନ୍ତି ବୋଲି ସେ ଏଠାରେ ଉଲ୍ଲେଖ କରନ୍ତି ।

୧) ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟ ଦ୍ୱାରା ପ୍ରତାରିତ ହେବା ରାତ୍ରିରେ ଏହି ପ୍ରଥାର ଆରମ୍ଭ କରିଥିଲେ ।

୨) ମନୁଷ୍ୟମାନଙ୍କ ନିମନ୍ତେ ବଳୀକୃତ ତାହାଙ୍କ ଶରୀରର ସ୍ମରଣାର୍ଥେ ରୋଟୀ ନେବା ପାଇଁ ଏବଂ

୩) ମନୁଷ୍ୟମାନଙ୍କ ପାପ ନିମନ୍ତେ ପାତିତ ତାହାଙ୍କ ରକ୍ତର ସାଦୃଶ୍ୟରେ ଦ୍ରାକ୍ଷାରସ ନେବା ପାଇଁ ସେ ଆଜ୍ଞା ଦେଇଥିଲେ ।

୪) ଏହି ପ୍ରଥା ପାଳନ କରିବା ସମୟରେ ଖ୍ରୀଷ୍ଟଙ୍କ ମରଣ ସ୍ମରଣ କରାଯାଏ ।

୫) ଅଯୋଗ୍ୟ ଭାବେ ପ୍ରଭୁ ଭୋଜରେ ଭାଗୀ ହେଲେ ଆମ୍ଭେମାନେ ତାହାଙ୍କ ଶରୀର ଓ ରକ୍ତର ଦାୟୀ ହୋଇଥାଉ ।

୬) ପ୍ରଭୁଭୋଜ ପାଳନ କରିବା ପୂର୍ବେ ଖ୍ରୀଷ୍ଟିୟାନ ଆପଣାକୁ ପରୀକ୍ଷା କରିବା ଆବଶ୍ୟକ ।

୭) ଅଯୋଗ୍ୟ ଭାବେ ସେ ସେହି ରୋଟୀ ଭୋଜନ କରେ ଓ ଦ୍ରାକ୍ଷାରସ ପାନ କରେ, ସେ ଆପଣାକୁ ଦଣ୍ଡପାତ୍ର କରାଏ ।

ପ୍ରଭୁଭୋଜ ବିଷୟକୁ ଆହୁରି କେତୋଟି ସତ୍ୟ :-

୧) ଉପରୋକ୍ତ ବାକ୍ୟାଂଶରୁ କେବଳ ମଣ୍ଡଳୀର ସମସ୍ତ ସଭ୍ୟ ନିମନ୍ତେ ଏକମାତ୍ର ପାନପାତ୍ର ବ୍ୟବହୃତ ହେବା ଆବଶ୍ୟ ବୋଲି ଅନେକ ମତ ପ୍ରକାଶ କରନ୍ତି । କିନ୍ତୁ ପ୍ରଭୁ ପାନପାତ୍ର ଉପରେ ପ୍ରାଧାନ୍ୟତା ନ ଦେଇ ପାନପାତ୍ରରେ ଥିବା ଦ୍ରାକ୍ଷାରସ ପ୍ରାଧାନ୍ୟତା ଦେଇଅଛନ୍ତି । ୨ୟରେ ଦ୍ରାକ୍ଷାରସ ପାନ କରିବା ସମୟରେ ତାହାଙ୍କ ପାତିତ ରକ୍ତ ଆମ୍ଭେମାନେ ସ୍ମରଣ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଖ୍ରୀଷ୍ଟିୟାନମାନେ ଏକ ପାନପାତ୍ରରୁ ଦ୍ରାକ୍ଷାରସ ପାନ ନ କରିବା ଶ୍ରେୟସ୍କର ।

୨) ପ୍ରଭୁଭୋଜ ପାଳନକାରୀମାନେ ତାହାଙ୍କ ଆଗମନ ପ୍ରଚାର କରନ୍ତି ।

୩) ପ୍ରଭୁଭୋଜ ପାଳନକାରୀ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଆପଣା ଆପଣାକୁ ପରୀକ୍ଷା କରିବା ଆବଶ୍ୟକ । ପ୍ରଥମେ ଆମ୍ଭମାନଙ୍କ କୃତ ମନ୍ଦ କର୍ମରୁ ମନପରିବର୍ତ୍ତନ



କରି ତାହାଙ୍କ ଭୋଜରେ ଭାଗୀ ହେଉ । ତାହାଙ୍କ ରକ୍ତ ଆମ୍ଭମାନଙ୍କୁ ପ୍ରତ୍ୟେକ ପାପରୁ ଶୁଚି କରେ ।

୪) ଅଯୋଗ୍ୟ ଭାବେ ପ୍ରଭୁଭୋଜରେ ଭାଗୀ ହେବା ଲୋକେ ଆଶୀର୍ବାଦ ସ୍ଥଳେ ଦଣ୍ଡାଜ୍ଞା ପ୍ରାପ୍ତ ହୁଅନ୍ତି । ଅବଶ୍ୟ ଧାର୍ମିକ କେହି ନାହିଁ କିଅବା ଯୋଗ୍ୟ କେହି ନାହିଁ । ଜ୍ଞାତସାରରେ ଅପରାଧ କରି ତାହାଙ୍କ ପ୍ରଭୁଭୋଜରେ ଭାଗି ହେବା ଲୋକେ ଆପଣା ଆପଣାକୁ ତଥା ମଣ୍ଡଳୀକୁ ପ୍ରବଞ୍ଚନା କରନ୍ତି । କିନ୍ତୁ ପରମେଶ୍ୱରଙ୍କୁ ମନୁଷ୍ୟର ଅନ୍ତରର ମର୍ମ ଅଜ୍ଞାତ ନୁହେଁ ।

୫) ପ୍ରଭୁଭୋଜ ପାଳନ କରିବାରେ ଖ୍ରୀଷ୍ଟିୟାନମାନେ ତାହାଙ୍କ ମୃତ୍ୟୁ ପ୍ରଚାର କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ତାହାଙ୍କ ଆଜ୍ଞା ପାଳନ କରିବାରେ ଉତ୍ସାହିତ କରନ୍ତି ।

ପ୍ରେରିତ ୨୦:୭ ପଦରେ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜ ପାଳନ କରିବା ପଢ଼ିଥାଉଁ । ତେଣୁକରି ଆସ ଆମ୍ଭେମାନେ ଆଦିମ ଖ୍ରୀଷ୍ଟିୟାନମାନଙ୍କ ସଦୃଶ୍ୟ ସପ୍ତାହର ପ୍ରଥମ ଦିବସରେ ତାହାଙ୍କ ଶରୀର ଓ ରକ୍ତର ସ୍ମରଣାର୍ଥେ ପ୍ରଭୁଭୋଜରେ ଭାଗୀ ହୋଇ ତାହାଙ୍କୁ ସତ୍ୟ ଓ ଆତ୍ମାରେ ଉପାସନା କରୁ ।

**- J. C. Choate**

❋❋❋

# କିଏ ପବିତ୍ର ଓ ଆଦରଣୀୟ ?
## (Holy and Reverend, who ?)

"ଏକ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି" (ଦାନିୟେଲ ୨:୩୮) ଏହି ପରମେଶ୍ୱର ଅନନ୍ତକାଳନ ଆମ୍ଭମାନଙ୍କର ପରମେଶ୍ୱର ଅଟନ୍ତି ।(ଗୀତ ୪୮:୧୪)। ଆମ୍ଭମାନଙ୍କ ପରମେଶ୍ୱର ମହାନ ଅଟନ୍ତି । ଆମ୍ଭେ ସଦାପ୍ରଭୁ ଆଉ ଦ୍ୱିତୀୟ କେହି ନାହିଁ ଆମ୍ଭ ଛଡ଼ା ଆଉ ପରମେଶ୍ୱର ନାହାନ୍ତି । (ଯିଶାଇୟ ୪୪:୬) ଅନ୍ୟ ଶୌକ

ନାହିଁ, ଆମ୍ଭେ କାହାକୁ ଜାଣୁ ନା । (ଯିଶାଇୟ ୪୪:୮) । ଆମ୍ଭେ ସର୍ବଶକ୍ତିମାନ ପରମେଶ୍ୱର (ଆଦି ୧୭:୧) । ଏତେ ମହାନ ପରମେଶ୍ୱରଙ୍କ ଆମ୍ଭେମାନେ ଗୌରବ ଓ ପ୍ରଶଂସା କରୁ । ତାହାଙ୍କ ନାମ ବ୍ୟର୍ଥରେ ନେବା ଲୋକଙ୍କୁ ସେ ନିରପରାଧି ବୋଲି ଗଣନା କରିବେ ନାହିଁ ।

ଆଜିର ଖ୍ରୀଷ୍ଟିୟ ସମାଜରେ ଅନେକ ବର୍ଗର ଲୋକେ ପରମେଶ୍ୱରଙ୍କ ନାମରେ ବ୍ୟର୍ଥରେ ବ୍ୟବହାର କରିବା ଆମ୍ଭେମାନେ ଦେଖିଥାଉଁ । ଅନେକ ତାହାଙ୍କ ନାମକୁ ଗୌରବ ବିହୀନ କରୁଅଛନ୍ତି । ଗୀତ ସଂହିତା ୧୧୧:୯ ପଦରେ କୁହାଯାଏ, ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ । (Holy and Reverend is His name) । କିନ୍ତୁ ଅନେକ ଆଦରଣୀୟ ବା Reverend ତାହାଙ୍କ ନାମ ପଦ ଆପଣା ନାମ ସହିତ ଶିରୋନାମା ରୂପେ ଧାରଣ କରନ୍ତି । ତୁଚ୍ଛ ମନୁଷ୍ୟ କି ସର୍ବପରିସ୍ଥ ସର୍ବଶକ୍ତିମାନ ପରମେଶ୍ୱରଙ୍କ ପଦବୀ ଧାରଣ କରିବାରେ ଯୋଗ୍ୟ ? ସୈନ୍ୟାଧିପତି ସଦାପ୍ରଭୁ ହିଁ ପବିତ୍ର ଓ ଆଦରଣୀୟ ଅଟନ୍ତି, କିନ୍ତୁ ମନୁଷ୍ୟ ସେହି ସମ୍ମାନର ଅଧିକାରୀ ନୁହେଁ । ମୁଁ ଆପଣାକୁ Reverend ବୋଲାଇ ମୁଁ ଆପଣାକୁ ପରମେଶ୍ୱରଙ୍କ ସହିତ ସମାନ କରାଉଅଛି । ଆପଣାକୁ Reverend ରୂପେ ପରିଚିତ କରାଇବା ଦ୍ୱାରା ଆମ୍ଭେମାନେ ଆପଣା ଆପଣାକୁ ଅନ୍ୟ ମନୁଷ୍ୟମାନଙ୍କ ଠାରୁ ଉନ୍ନତ କରୁଅଛୁ । କିନ୍ତୁ ପବିତ୍ର ଓ ଆଦରଣୀୟ ଯେ ପରମେଶ୍ୱର ଅଟନ୍ତି, ସମସ୍ତ ଗୌରବ, ମହିମା ଓ ସମ୍ମାନ ତାହାଙ୍କର ଅଟେ । ତାହାଙ୍କ ପଦବୀ ମନୁଷ୍ୟ ଧାରଣ କରି ତାହାଙ୍କ ନାମକୁ ଅମର୍ଯ୍ୟାଦା ଆଣେ ।

ଆଜିର ଖ୍ରୀଷ୍ଟିୟ ସମାଜରେ ଅନେକ ବିଶୃଙ୍ଖଳା ସୃଷ୍ଟି ହୋଇଅଛି । ଖ୍ରୀଷ୍ଟିୟ ମଣ୍ଡଳୀଗୁଡ଼ିକରେ Reverend, Clergy, Laity ପ୍ରଭୃତି ବିଭିନ୍ନ ସ୍ତରର ପଦବୀଗୁଡ଼ିକ ସୃଷ୍ଟି କରାଯାଇଅଛି । Reverend ପଦବୀ ଧାରଣ କରିବା ବ୍ୟକ୍ତିମାନେ, Laity ପଦବୀ ଧାରଣ କରିବା ବ୍ୟକ୍ତିମାନଙ୍କ ଠାରୁ ଉନ୍ନତତର । କିନ୍ତୁ ମଣ୍ଡଳୀ ସ୍ଥାପନ ହେବାର ସମୟରେ ଏହିସବୁ ପଦବୀ ନଥିଲା । ଏହା କେବଳ ମନୁଷ୍ୟ ପ୍ରବେଶ କରିଥିବା ପଦ୍ଧତି ।



ପରମେଶ୍ୱର ହିଁ ସମସ୍ତ ଗୌରବ, ମହିମା ଓ ପ୍ରଶଂସାର ଅଧିକାରୀ ଅଟନ୍ତି । ଆପଣା ଆପଣାକୁ ଗୁରୁ ବୋଲି ସମ୍ବୋଧିତ ହେଉଥିବା ଯିହୂଦୀ ନେତାମାନଙ୍କୁ ପ୍ରଭୁ ଯୀଶୁ ନିନ୍ଦା କରିବା ବିଷୟ ଆମ୍ଭେମାନେ ମାଥିଉ ୨୩:୬-୧୦ ପଦରେ ପଢ଼ିପାରୁ । ଆଉ ପୃଥିବୀରେ କାହାକୁ ହିଁ ପିତା ବୋଲି ସମ୍ବୋଧନ କର ନାହିଁ । କାରଣ ତୁମ୍ଭମାନଙ୍କର ପିତା ଜଣେ ସେ ସ୍ୱର୍ଗରେ ଅଛନ୍ତି । ଯେକେହି ଆପଣାକୁ ଉନ୍ନତ ବୋଲି ଦେଖାଏ, ତାକୁ ନତ କରାଯିବ, ପୁଣି ଯେ କେହି ଆପଣାକୁ ନତ କରେ, ତାହାକୁ ଉନ୍ନତ କରାଯିବ । ସ୍ୱର୍ଗସ୍ଥ ପିତାଙ୍କ ଅଦ୍ୱିତୀୟ ପୁତ୍ର ଆପଣାକୁ ନତ କରି ଏହି ଜଗତବାସୀ ହୋଇଥିଲେ ।

ବାଇବଲ କୌଣସି ପୃଷ୍ଠାରେ ପ୍ରେରିତ ପାଉଲ କିଅବା ପ୍ରେରିତ ପିତର Reverend ପଦବୀ ଧାରଣ କରିବା ଲିଖିତ ହୋଇନାହିଁ । ତଥାପି ଆଜିର ଧାର୍ମିକ ନେତାମାନେ ଏହି ପଦବୀ ଧାରଣ କରିବାରେ କୁଣ୍ଠିତ ନୁହନ୍ତି । ଯୀଶୁଖ୍ରୀଷ୍ଟଙ୍କ ନମ୍ରତା ବିଷୟରେ ପ୍ରେରିତ ପାଉଲ କହନ୍ତି, ସେ ଈଶ୍ୱରରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ । କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସ ରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ । ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହିଁ କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । (ଫିଲିପ ୨:୬-୫) । ଜଣେ ଧନୀ ଯୁବକ ପ୍ରଭୁଙ୍କ ନିକଟକୁ ଆସି ତାଙ୍କୁ ସତ୍‌ଗୁରୁ ବୋଲି ସମ୍ବୋଧନ କରିବାରୁ ଯୀଶୁ ତାହାଙ୍କୁ ଉତ୍ତର ଦେଇ କହିଲେ, ମୋତେ ସତ ବୋଲି କାହିଁକି କହୁଅଛ ? ଜଣଙ୍କ ବିନା ଅର୍ଥାତ୍ ଈଶ୍ୱରଙ୍କ ବିନା ଅନ୍ୟ କେହି ସତ ନୁହେଁ । (ମାର୍କ ୧୦:୧୮) । ପରମପିତାଙ୍କ ଅଦ୍ୱିତୀୟ ପୁତ୍ର ମଧ୍ୟ ଆପଣାକୁ ତାହାଙ୍କ ସମାନ ସମ୍ବୋଧିତ ହେବାକୁ ଅଯୋଗ୍ୟ ମନେ କଲେ, ଛାର ମନୁଷ୍ୟ କି ପରମେଶ୍ୱରଙ୍କ ସମ ପଦବୀ ଧାରଣ କରିବାକୁ ଯୋଗ୍ୟ ଅଟେ ?

ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରାକୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାର ମନ ଛାମୁରେ ଆମ୍ଭମ ସମସ୍ତଙ୍କୁ

ପ୍ରକାଶିତ ହେବାକୁ ହେବ । (୨ୟ କରନ୍ଥୀ ୫:୧୦) । ପାଉଲ ଲେଖନ୍ତି, ଅତଏବ ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ଛାମୁରେ ନିଜ ନିଜର ହିସାବ ଦେବାକୁ ହେବ । (ରୋମୀୟ ୧୪:୧୨) । ସେହି ବିଚାରି ସିଂହାସନ ସମ୍ମୁଖରେ ଆପଣା ଆପଣାକୁ ଏକ ବିଶ୍ୱସ୍ଥ ଖ୍ରୀଷ୍ଟିୟାନ ସେହି ବିଚାର ସିଂହାସନ ସମ୍ମୁଖରେ ଆପଣାକୁ ଏକ ବିଶ୍ୱସ୍ଥ ଖ୍ରୀଷ୍ଟିୟାନ ରୂପେ କିଅବା ଏକ Reverend ରୂପେ ଉପସ୍ଥାପିତ ପ୍ରସ୍ତୁତ କରୁଅଛନ୍ତି ?

ଆସ ଆମ୍ଭେମାନେ ତାହାଙ୍କ ନାମରେ ଅବମାନ ନ କରୁ । ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ (Holy and Reverend)ଅଟେ । ଆପଣଙ୍କ କିଅବା ମୋର ନାମ ନୁହେଁ । ତାହାଙ୍କ ଛାମୁରେ ଛାର ମନୁଷ୍ୟ କୀଟ ସଦୃଶ୍ୟ । ଆସ ଦାଉଦଙ୍କ ସହିତ ତାହାଙ୍କ ଅର୍ଥ ପ୍ରକାଶ କରିବାର ଆତ୍ମୀୟ ଦାନଗୁଡ଼ିକ ମୂଲ୍ୟହୀନ ବୋଲି ପ୍ରକଟ କରିଅଛନ୍ତି । ଯୀଶୁଖ୍ରୀଟେ ଯୋହନ ୬:୨୭ ପଦରେ ଏହି ସମାଭାବପନ୍ନ ପ୍ରକାଶ କରିଅଛନ୍ତି । କ୍ଷୟୀ ଭକ୍ଷ୍ୟ ନିମନ୍ତେ ଶ୍ରମ ନ କରି ବରଂ ଯେଉଁ ଅନନ୍ତ ଜୀବନଦାୟକ ଭକ୍ଷ୍ୟ ଅକ୍ଷୟ ରହେ, ସେଥି ନିମନ୍ତେ ଶ୍ରମ କର । ଯୀଶୁଖ୍ରୀଷ୍ଟ କୌଣସି ପ୍ରକାର ଶ୍ରମ ନ କରିବା ନିମନ୍ତେ ଆଦେଶ ଦିଅନ୍ତି ବୋଲି ଏହି ବାକ୍ୟର ଅର୍ଥ ନୁହେଁ; କିନ୍ତୁ ସର୍ବପ୍ରଥମେ ତାହାଙ୍କ ରାଜ୍ୟ ଓ ନୀତି ଅନ୍ୱେଷଣ କରିବା ମନୁଷ୍ୟର କର୍ତ୍ତବ୍ୟ । କାରଣ ଖ୍ରୀଷ୍ଟ ମୋତେ ବାପ୍ତିସ୍ମ ଦେବା ନିମନ୍ତେ ପ୍ରେରଣ କଲେ ନାହିଁ । ମାତ୍ର ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରେରଣ କଲେ । (୧ମ କରିନ୍ଥୀ ୧:୧୭) । ବାପ୍ତିସ୍ମ ଅନାବଶ୍ୟକ ବିଷୟ ବୋଲି ଏହାରଅର୍ଥ ନୁହେଁ କିନ୍ତୁ ଆନନ୍ଦରେ ବାକ୍ୟ ଗ୍ରହଣକାରୀ ପ୍ରତ୍ୟେକ ବାପ୍ତିଜିତ ହୁଅନ୍ତି । (ପ୍ରେରିତ ୨:୪୧) । ପ୍ରତ୍ୟେକ ବିଷୟରେ ବିଶିଟେତା ଅଛି, କିନ୍ତୁ ପ୍ରେମ ଉତ୍କୃଷ୍ଟତମ ଅଟେ ।

ପ୍ରେମ କଦାପି ଶେଷ ହୁଏ ନାହିଁ କିନ୍ତୁ ଯଦି ଭାବବାଣୀ ଥାଏ, ତାହା ଲୋପ ହେବ ଯଦି ପରଭାଷା ଥାଏ, ସେହିସବୁ ନିବୃତ୍ତ ହେବ । ଯଦି ଜ୍ଞାନ ଥାଏ ତାହା ଲୋପ ହେବ । ପରମେଶ୍ୱରଙ୍କ ଯୋଜନାନୁଯାୟୀ ସିଦ୍ଧ ବିଷୟର ଉପସ୍ଥାପିତ ହେବା ପରେ ଆଂଶିକ ବିଷୟଗୁଡ଼ିକର ଅନ୍ତ ହେବ । ଏହି ଅଧ୍ୟାୟରେ ଶେଷ ପଦରେ ପାଉଲ କହନ୍ତି



ଅତଏବ ବିଶ୍ୱାସ, ଭରସା, ପ୍ରେମ ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ ପ୍ରେମ ଉତ୍କୃଷ୍ଟତମ କାରଣ ଏହାର ଅନ୍ତ ନାହିଁ । ପରଭାଷା ଭାବବାଣୀ ଜ୍ଞାନ ସମସ୍ତ ଏହି ଜଗତରେ ହିଁ ଲୋପ ହେବ କିନ୍ତୁ ପ୍ରେମର ମାର୍ଗ ଆମ୍ଭମାନଙ୍କ ପିତାଙ୍କ ନିକଟକୁ ଘେନିଯିବ । ମନୁଷ୍ୟର ଜୀବନ କ୍ଷରଭଙ୍ଗୁର ଆସନ୍ତାକାଲି ମନୁଷ୍ୟ ନିମନ୍ତେ କଅଣ ସାଇତି ରଖିଅଛି କେହି ଜାଣେନା ପ୍ରେମ ସମସ୍ତ ଶାସ୍ତ୍ରର ମୂଳ ବିଷୟବସ୍ତୁ ପୁରାତନ ଓ ନୂତନ ନିୟମର ପ୍ରତିଜ୍ଞା ଆଜ୍ଞା ଓ ବିଚାରର ମୂଳ ଧାର ।

ପ୍ରେରିତ ପାଉଲ ଖ୍ରୀଷ୍ଟଙ୍କ ପ୍ରେମ ବିଷୟରେ ରୋମୀୟ ମଣ୍ଡଳୀକୁ କହନ୍ତି, ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କୁ ବିଛିନ୍ନ କରିବ ? କି କ୍ଲେଶ କି ସଙ୍କଟ, କି ତାଡ଼ନା, କି ଦୁର୍ଭିକ୍ଷ, କି ଉଲଙ୍ଗତା, କି ବିପଦ, କି ଖଡ଼ଗ ? ଯେପରି ଲେଖାଅଛି ତୁମ୍ଭ ନିମନ୍ତେ ଆମ୍ଭେମାନେ ସମସ୍ତେ ଦିନ ନିହତ ହେଉଅଛୁ, ଆମ୍ଭେମାନେ ବଧଯୋଗ୍ୟ ମେଷ ପରିଗଣିତ ହୋଇଅଛୁ । ତଥାପି ଯେ ଆମ୍ଭମାନଙ୍କୁ ପ୍ରେମ କରେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବତୋ ଭାବେ ବିଜୟୀ ଅଟୁ କାରଣ ମୃତ୍ୟୁ କି ଜୀବନ, ଦୂତ କି କର୍ତ୍ତାପଣ ବର୍ତ୍ତମାନ କି ଭବିଷ୍ୟତ କି ପରାକ୍ରମ ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସ୍ୱଷ୍ଟ ବସ୍ତୁ ଆମ୍ଭମାନଙ୍କୁ ପ୍ରଭୁ "ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଛିନ୍ନ କରିପାରିବ ନାହିଁ, ଏହା ମୁଁ ନିଶ୍ଚୟ ଜାଣେ । (ରୋମୀୟ ୩୫:୩୯) । ପୁସ୍ତକରେ କୁହାଯାଏ କାରଣ ସେ ନିଜେ କହନ୍ତି, ଆମ୍ଭେ ତୁମ୍ଭଙ୍କୁ କେବେ ହେଁ ଛାଡ଼ିବା ନାହିଁ । ଆମ୍ଭେ ତୁମ୍ଭଙ୍କୁ କେବେ ହେଁ ପରିତ୍ୟାଗ କରିବା ନାହିଁ । ଅତଏବ ଆମ୍ଭେମାନେ ସାହସ ପୂର୍ବକ କହିପାରୁ, ପ୍ରଭୁ ମୋହର ସଦହାୟ ମୁଁ ଭୟ କରିବି ନାହିଁ, ମନୁଷ୍ୟ ମୋହର କଅଣ କରିବ ? (ଏବ୍ରୀ ୧୩:୫-୬)

ଆପଣ ଯେତେ ପାପୀ ହେଲେ ସୁଦ୍ଧା, ପ୍ରଭୁ ଆପଣଙ୍କୁ ପ୍ରେମ କରନ୍ତି । ଆପଣଙ୍କ ଅପରାଧର ଗୁରୁତ୍ୱତା ଆପଣଙ୍କ ଠାରୁ ତାହାଙ୍କୁ ବିମୁଖ କରିପାରେ ନାହିଁ । ଆପଣ ତାହାଙ୍କ ଠାରୁ ବିମୁଖ ହୋଇ ଜଗତର ଭ୍ରଷ୍ଟତାରେ ବୁଡ଼ି ରହିଥାଇ ପାରନ୍ତି । କିନ୍ତୁ ଆପଣଙ୍କ ପ୍ରତି ପରମେଶ୍ୱରଙ୍କ ପ୍ରେମର ଅନ୍ତ ନାହିଁ । ତାହାଙ୍କ ପୁତ୍ରଙ୍କ ବାପ୍ତିସ୍ମରେ

ପାପୀ ବାପ୍ତିଜିତ ହେଲେ ସ୍ୱର୍ଗସ୍ଥ ଦୂତଗଣ ଆନନ୍ଦ କରନ୍ତି । ତାହାଙ୍କ ଦ୍ୱାରା ପ୍ରଦତ୍ତ ପରିତ୍ରାଣ ଆଉ ଉପେକ୍ଷା କର ନାହିଁ । ତାହାଙ୍କ ପ୍ରେମ ସଦାକାଳ ସ୍ଥାୟୀ । ତଥାପି ତାହାଙ୍କ ଅପାର ପ୍ରେମ, ଆଜ୍ଞାବହତା ବିନୁ ଆମ୍ଭମାନଙ୍କ ପରିତ୍ରାଣ ଦେଇପାରେ ନାହିଁ ।

ଶାସ୍ତ୍ର କହେ ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କରୁ ( ୧ମ ଯୋହନ ୪ : ୧ ୯ ) । କାରଣ ଈଶ୍ୱରଙ୍କ ପ୍ରେମ କରିବାରେ ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା ଆଉ ତାହାଙ୍କ ଆଜ୍ଞାସବୁ ଭାର ସ୍ୱରୂପ ନୁହେଁ । ପ୍ରେମଥିଲେ ଯଥେଷ୍ଟ ଆଜ୍ଞାବହତାର ଆବଶ୍ୟକ ନାହିଁ ବୋଲି ଆଜିର ଏକ ମିଥ୍ୟା ପ୍ରଚାର ଅଛି । କିନ୍ତୁ ପ୍ରଭୁ କହନ୍ତି, ଯଦି ତୁମ୍ଭେମାନେ ମୋତେ ପ୍ରେମ କର ତାହା ହେଲେ ମୋହର ଆଜ୍ଞାସବୁ ଗ୍ରହଣ କରି ପାଳନ କରେ, ସେହି ତ ମୋତେ ପ୍ରେମ କରେ ଆଉ ସେ ମୋତେ ପ୍ରେମ କରେ ମୋହର ପିତା ତାହାଙ୍କୁ ପ୍ରେମ କରିବେ ପୁଣି ମୁଁ ତାହାଙ୍କୁ ପ୍ରେମ କରିବି ଓ ତାହା ନିକଟରେ ଆପଣାକୁ ପ୍ରକାଶ କରିବି । ( ୨ ୧ ମ ପଦ) । ଯଦି କେହି ମୋତେ ପ୍ରେମ କରେ, ତାହା ହେଲେ ସେ ମୋହର ବାକ୍ୟ ପାଳନ କରିବ, ପୁଣି ମୋହର ପିତା ତାହାଙ୍କୁ ପ୍ରେମ କରିବେ ଆଉ ଆମ୍ଭେମାନେ ତାହା ନିକଟକୁ ଆସି ତାହା ସହିତ ବାସ କରିବା । ( ୨୩ ପଦ) ପ୍ରେମ ହିଁ ଆଜ୍ଞାବହତାର ମୂଳ କାରଣ । ତାହାଙ୍କ ଠାରେ ବିଶ୍ୱାସ କରିଥିବା ଯିହୂଦୀମାନଙ୍କୁ ସେ କହିଲେ ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ, ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ । ପୁଣି ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ । ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ । (ଯୋହନ ୮ :୩-୩୨)

ପ୍ରେମ ବ୍ୟତୀତ ଜଗତରେ ଅନ୍ୟ କୌଣସି ବିଷୟର ବିଶେଷତା ନାହିଁ ବୋଲି ଏହାର ଅର୍ଥ ନୁହେଁ । କିନ୍ତୁ ପ୍ରେମ ବିନୁ, ମନୁଷ୍ୟ ଜୀବନ ନିସାର, ଅଶାନ୍ତି ଓ ଅସନ୍ତୋଷରେ ଭରି ହୋଇଥାଏ ଯେଉଁ ଉତ୍କୃଷ୍ଟ ପଥ ଆମ୍ଭମାନଙ୍କୁ ଅନନ୍ତ ଜୀବନକୁ ଘେନିଯାଏ ଆସ ସେହି ପ୍ରେମର ପଥ ଅବଲମ୍ବନ କରୁ ।

**- Mark Lyon**

❋❋❋



# ନାମରେ କଅଣ ଅଛି ?
## (What's in a Name ?)

ଆଜି ଖ୍ରୀଷ୍ଟିୟ ଜଗତରେ ମଣ୍ଡଳୀର ଅନେକ ନାମ ଦେଖିବାକୁ ମିଳେ । ଏଗୁଡ଼ିକ ମଧ୍ୟରୁ କେଉଁ ନାମ ଈଶ୍ୱରଙ୍କ ଠାରୁ ଆଗତ ? ନାମର କି କୌଣସି ପ୍ରାଧାନ୍ୟତା ଅଛି ? ଆସ ବିଶ୍ଳେଷଣ କରି ଦେଖିବା ।

**ବାଇବଲରେ ବାକ୍ୟର ପ୍ରାଧାନ୍ୟତା :**

ବାଇବଲରେ ନାମର ବିଶିଟେତା ରହିଅଛି । ଅବ୍ରାମ ନାମର ଅର୍ଥ 'ମହାପିତା' ଯାହା ଅବ୍ରାହମ (ବହୁ ଲୋକର ପିତା)ରେ (ଆଦି ୧୭:୧-୮) ଏବଂ ତାହାଙ୍କ ସ୍ତ୍ରୀ ସାରୀ (କୁଳୀନା)ଙ୍କ ନାମ ସାରା (ରାଣୀ)ରେ ସଦାପ୍ରଭୁ ପରିବର୍ତ୍ତନ କରିଥିଲେ । ପ୍ରତିଜ୍ଞାତ ସନ୍ତାନ ଇସହାକଙ୍କ ଜ୍ୟେଷ୍ଠ ପୁତ୍ର ଏଷୌର ପାଦକୂଳ ଧରି ଜନ୍ମ ହୋଇଥିବା ଯାକୁବ (ପଦାପହାରକ)ଙ୍କ ନାମ ସଦାପ୍ରଭୁ ଇଶ୍ରାଏଲ ରୂପେ ବଦଳାଇଥିଲେ । ଯେଉଁ ନାମର ଅର୍ଥ (ପରମେଶ୍ୱରଙ୍କ ସହିତ ଯୋଦ୍ଧା କାରଣ ସେ ସେହି ରାତ୍ରିରେ ପରମେଶ୍ୱରଙ୍କ ଦୂତ ସହିତ ଯୁଦ୍ଧ କରି ବିଜୟୀ ହୋଇଥିଲେ । (ଆଦି ୩୨ : ୨ ୨ -୩୨ ) ଯୀଶୁଖ୍ରୀଟେ ଶିମୋନ ଅର୍ଥାତ୍ 'ଶ୍ରବଣ'ଙ୍କ ନାମ ପିତର ଅର୍ଥାତ୍ 'ପ୍ରସ୍ତର'ରେ ପରିବର୍ତ୍ତିନ କରିଥିବା ବିଷୟ ଆମ୍ଭେମାନେ ଯୋହନ ୧ :୪୦-୪୨ ପଦଗୁଡ଼ିକରେ ପଢ଼ିପାରୁ ।

ବିଦ୍ରୋହୀ ଇଶ୍ରାଏଲ ସନ୍ତାନମାନଙ୍କୁ ସଦାପ୍ରଭୁ ଶାସନ କରିବା ସମୟରେ ଥରେ ଭାବବାଦୀ ହୋଶେୟଙ୍କୁ ସଦାପ୍ରଭୁ ବ୍ୟଭିଚାରିଣୀ ଏକ ଭାର୍ଯ୍ୟା ଗ୍ରହଣ କରିବା ନିମନ୍ତେ ଆଦେଶ ଦେଲେ । ତାହାଙ୍କ ଦ୍ୱାରା ହୋଶେୟଙ୍କ ୨ୟ ସନ୍ତାନର ନାମ ଲୋ-ରୁହମା (ଅଦୟା ପାତ୍ରୀ) ରଖିଲେ । ସେ କହିଲେ କାରଣ ଆମ୍ଭେ କୌଣସି ମତେ ଇଶ୍ରାଏଲ ବଂଶକୁ କ୍ଷମା କରିବା ପାଇଁ ସେମାନଙ୍କ ପ୍ରତି ଦୟା ପ୍ରକାଶ କରିବା ନାହିଁ । (ହୋଶେୟ ୧ :୬) । ପୁନର୍ବାର ତାହାଙ୍କ ୩ୟ ସନ୍ତାନଙ୍କୁ ସଦାପ୍ରଭୁ ଲୋ-ଆମୀ (ଆମ୍ଭର ଲୋକ ନୁହେଁ) ବୋଲି ନାମ ରଖିବାକୁ ଆଦେଶ ଦେଲେ । କାରଣ ତୁମ୍ଭେମାନେ ଆମ୍ଭର ଲୋକ ନୁହଁ ଓ ଆମ୍ଭେ ତୁମ୍ଭମାନଙ୍କର ପରମେଶ୍ୱର ନୋହିବା (ହୋଶେୟ

୧:୯)। ଏହି ବାକ୍ୟ ଇଶ୍ରାଏଲ ସନ୍ତାନମାନଙ୍କୁ ଜଣାଇବା ନିମନ୍ତେ ଭାବବାଦୀଙ୍କ ସନ୍ତାନଙ୍କୁ ସେ ନାମକରଣ କରିଥିଲେ।

ଆମ୍ଭମାନଙ୍କ ପ୍ରଭୁଙ୍କ ନିମନ୍ତେ ଅତି ଶ୍ରେଷ୍ଠ ନାମ ସଞ୍ଚିତ ହୋଇଥିଲା। ଗାବ୍ରୀଏଲ ଦୂତ ଯୋସେଫଙ୍କୁ କହିଲେ ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକମାନଙ୍କୁ ସେମାନଙ୍କର ପାପକୁ ପରିତ୍ରାଣ କରିବେ। (ମାଥିଉ ୧:୨୧) ଯିଶାଇୟ ଭାବବାଦୀ ୭:୧୪ ପଦରେ ପ୍ରକଟିତ ବାକ୍ୟର ସଫଳତା ବିଷୟରେ ମାଥିଉ ୧:୨୩ ପଦରେ କୁହାଯାଇଅଛି। ଯାହା କହେ, ଦେଖ, ଜଣେ କନ୍ୟା ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବେ, ଆଉ ଲୋକେ ତାହାଙ୍କ ନାମ ଇମାନୁଏଲ ଦେବେ। ଏହି ନାମର ଅର୍ଥ ଆମ୍ଭମାନଙ୍କ ସହିତ ଈଶ୍ୱର। ସେ ଖ୍ରୀଷ୍ଟ ନାମରେ ଖ୍ୟାତ କାରଣ ସେ ଅଭିଷିକ୍ତ ଅଟନ୍ତି। ଆମ୍ଭେ ତାହାଙ୍କୁ ପ୍ରଭୁ ବୋଲି ଏବଂ ସର୍ବଅଧିକାର ତାହାଙ୍କର। (ରୋମୀୟ ୭:୨୪-୨୫, ୧ମ କରିନ୍ଥୀ ୬:୧୯-୨୦)। ସଦାପ୍ରଭୁ ଆପଣା ପୁତ୍ରଙ୍କୁ ଦେଇଥିବା ସେହି ଶ୍ରେଷ୍ଠତମ ନାମ ବ୍ୟତୀତ ଅନ୍ୟ କୌଣସି ନାମରେ କେହି ତାହାଙ୍କୁ ସମ୍ବୋଧନ କରନ୍ତି ନାହିଁ।

## ଈଶ୍ୱରଙ୍କ ପ୍ରଜାମାନଙ୍କ ନିମନ୍ତେ ଏକ ନୂତନ ନାମ :

ଯିରୁଶାଲମରୁ ସଦାପ୍ରଭୁ ଧାର୍ମିକତା ଓ ପରିତ୍ରାଣ ପ୍ରକଟ ହେବାର ଦିନ ନିମନ୍ତେ ଭାବବାଦୀ ଯିଶାଇୟ ଅନାଇ ରହିଥିଲେ। ସେହି ସମୟରେ ସଦାପ୍ରଭୁଙ୍କ ପ୍ରଜା ଏକ ନୂତନ ନାମ ପ୍ରାପ୍ତ ହେବେ ବୋଲି ପ୍ରତିଜ୍ଞାତ ହୋଇଥିଲେ। ନିୟମରେ ଲିପିବଦ୍ଧ ଇତିହାସନୁଯାୟୀ ଆନ୍ତିୟଖିଆର ମଣ୍ଡଳୀରେ ଯିହୂଦୀ ଓ ଗ୍ରୀକ୍ ଦୁଇବର୍ଗର ଲୋକେ ଅନ୍ତର୍ଭୁକ୍ତ ଥିଲେ। ଏହି ସ୍ଥାନର ବିଶ୍ୱାସୀମାନେ ପ୍ରଥମେ ଖ୍ରୀଷ୍ଟିୟାନ ନାମରେ ଖ୍ୟାତ ହୋଇଥିଲେ ବୋଲି ପ୍ରେରିତ ୧୧:୨୬ ପଦରେ ପଢ଼ିପାରୁ।

ପ୍ରେରିତ ପାଉଲଙ୍କ ଦ୍ୱାରା ରାଜା ଆଗିପ୍ପାଙ୍କୁ ଖ୍ରୀଷ୍ଟଙ୍କ ସମାଚାର ପ୍ରଚାରିତ ବାକ୍ୟ ଶୁଣି ସେ କହିଲେ, ଅଳ୍ପ ପଥାରେ ତ ତୁମ୍ଭେ ଆମ୍ଭକୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେ କରୁଅଛି ? (ପ୍ରେରିତ ୨୬:୨୮)। ଏହି ନୂତନ ନାମ ଖ୍ରୀଷ୍ଟିୟାନ ଦ୍ୱାରା ଈଶ୍ୱରଙ୍କୁ ମହିମା କୀର୍ତ୍ତନ କରିବା ନିମନ୍ତେ, ଆଦିମ ଶିଷ୍ୟମାନଙ୍କୁ ପ୍ରେରିତ



ପାଉଲ ଉତ୍ସାହିତ କରନ୍ତି। (୧ମ ପିତର ୪:୧୬)। ପ୍ରଭୁଙ୍କ ଦତ୍ତ ନାମ ଖ୍ରୀଷ୍ଟିୟାନ ବୋଲି ପ୍ରତ୍ୟେକ ସମ୍ମତ ଅଟନ୍ତି, ତେବେ ସେ କେବଳ ଏହି ନାମ ଧାରଣ ନ କରି ମନୁଷ୍ୟ ସୃଷ୍ଟ ନାମଗୁଡ଼ିକ ଧାରଣ କରିବାରେ ମନୁଷ୍ୟ କାହିଁକି ଆଗ୍ରହୀ ହୁଏ ?

ଈଶ୍ୱର ଦତ୍ତ ମଣ୍ଡଳୀର ନାମ :

ଈଶ୍ୱର ଦତ୍ତ ମଣ୍ଡଳୀର ନାମ ସ୍ୱୀକାର ନ କରି ମନୁଷ୍ୟ କାହିଁକି ଅନ୍ୟାନ୍ୟ ନାମ ସ୍ୱୀକୃତ କରେ ? ମଣ୍ଡଳୀ, ଖ୍ରୀଷ୍ଟଙ୍କ ଶରୀର ଅଟେ। (ଏଫିସୀ ୧:୨୨-୨୩) ଆମ୍ଭମାନଙ୍କ ସଦୃଶ୍ୟ ଯୀଶୁଖ୍ରୀଷ୍ଟଙ୍କର ମଧ୍ୟ ଏକମାତ୍ର ଶରୀର ଅଛି। (ଏଫିସୀ ୪:୪) ଆମ୍ଭମାନଙ୍କ ମସ୍ତକ ଓ ଶରୀର ବିଭିନ୍ନ ନାମରେ ପରିଣତ ହେବା ସମ୍ଭବପର କି ? ମଣ୍ଡଳୀ, ଖ୍ରୀଷ୍ଟଯୀଶୁଙ୍କ ବଧୂ ବୋଲି ଆମ୍ଭେମାନେ ସବୁବେଳେ ମନେ ରଖିବା ଉଚିତ। (ଏଫିସୀ ୫:୨୨-୨୩, ରୋମୀୟ ୭:୪, ୨ କରନ୍ଥୀ ୧୧:୨ ଯୋହନ ୩:୨୫-୨୬) ଆପଣା ବଧୂ ଅନ୍ୟ ପୁରୁଷର ନାମ ଧାରଣ କଲେ, କେଉଁ ପୁରୁଷ ସହ୍ୟ କରିପାରିବ ?

ପିତା ପରମେଶ୍ୱର ଓ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ପବିତ୍ର ଆତ୍ମାଙ୍କ ଦ୍ୱାରା କେତେକ ଲେଖକ ଲେଖନୀରୁ ଖ୍ରୀଷ୍ଟଙ୍କ ଶରୀର ନିମନ୍ତେ ଏହି ନାମ ବ୍ୟକ୍ତ କରିଅଛନ୍ତି, ଯାହା 'ମଣ୍ଡଳୀ' ଅଟେ। ଏହା ଈଶ୍ୱରଙ୍କ ମଣ୍ଡଳୀ ରୂପେ ମଧ୍ୟ ଖ୍ୟାତ। (ପ୍ରେରିତ ୨୦:୨୮, ୧ମ କରନ୍ଥୀ ୧:୨)। ରୋମୀୟ ୧୬:୧୬ ରେ ପାଉଲ କହନ୍ତି ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି। ବିଭିନ୍ନ ସ୍ଥାନରେ ଏକତ୍ରିତ ହେଉଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀଗୁଡ଼ିକ ରୋମୀୟ ମଣ୍ଡଳୀକୁ ନମସ୍କାର ଜଣାଉଅଛନ୍ତି ବୋଲି ଏହାର ଅର୍ଥ। କଲସୀ ୧:୧୩ ପଦରେ ଖ୍ରୀଷ୍ଟିୟାନମାନଙ୍କୁ ଈଶ୍ୱର ଅନ୍ଧକାରର କ୍ଷମାରୂପେ ଉଦ୍ଧାର କରି ଅପାଣା ପ୍ରେମପାତ୍ରଙ୍କ ରାଜ୍ୟକୁ ସ୍ଥାନାନ୍ତର କରିଅଛନ୍ତି ବୋଲି କୁହାଯାଏ। (ପ୍ରକାଶିତ ୧:୯ ପଦ ସହିତ ତୁଳନା କରନ୍ତୁ। ଈଶ୍ୱର ଦତ୍ତ ନାମ ଧାରଣ ନକରି ତାହାଙ୍କ ଛାମୁରେ କି ଆମ୍ଭେମାନେ ନିର୍ଦ୍ଦୋଷ ପରିଗଣିତ ହୋଇପାରିବା ?

**- Gary C. Hampton**

***

# ଉଭୟ ଆଦମଙ୍କ ପ୍ରଭାବ

ସଦାପ୍ରଭୁ ପରମେଶ୍ୱର ଛଅ ଦିନରେ ସମଗ୍ର ସୃଷ୍ଟି ସୃଷ୍ଟି କରି ଆପଣା ସ୍ୱହସ୍ତରେ ମନୁଷ୍ୟକୁ ଗଢ଼ି ଆଦମ ନାମ ଦେଲେ । ପ୍ରେରିତ ପାଉଲ ୧କ କରିନ୍ଥୀ ୧୫:୪୫ରେ ଦ୍ୱିତୀୟ ଆଦମଙ୍କ ବିଷୟରେ କହନ୍ତି, ''ପ୍ରଥମ ମନୁଷ୍ୟ ଆଦମ ଜୀବିତ ପ୍ରାଣୀ ହେଲେ, ଶେଷ ଆଦମ ଜୀବନଦାୟକ ଆତ୍ମା ହେଲେ ।'' ଯୀଶୁଖ୍ରୀଷ୍ଟ ସେହି ଦ୍ୱିତୀୟ ଆଦମ ଅଟନ୍ତି । ଆଦମ ଖ୍ରୀଷ୍ଟଙ୍କ ପ୍ରତିରୂପ (ରୋମୀୟ ୫:୧୪) । ଏହି ଦୁଇ ଆଦମଙ୍କ ମଧ୍ୟରେ କେତୋଟି ସାମଞ୍ଜସ୍ୟ ଓ କେତୋଟି ବିଭେଦ ଅଛି, ତାହା ବାକ୍ୟ ଦ୍ୱାରା ଆମ୍ଭେମାନେ ଜାଣିପାରିବା ।

ଉଭୟଙ୍କୁ ପିତା ପରମେଶ୍ୱର ଅଦ୍ଭୁତ ଭାବେ ଏହି ଜଗତରେ ପ୍ରେରଣ କରିଥିଲେ । ସେମାନେ ପ୍ରାକୃତିକ ଭାବେ ଜନ୍ମଗ୍ରହଣ କରି ନ ଥିଲେ । ପ୍ରଥମ ଆଦମ ପୃଥିବୀର ମାଟିରୁ ଗଢ଼ା ଯାଇଥିଲେ ଓ ଦ୍ୱିତୀୟ ଆଦମ ପବିତ୍ର ଆତ୍ମାଙ୍କ ଦ୍ୱାରା କନ୍ୟା ମରିୟମଙ୍କ ଗର୍ଭରୁ ଜାତ ହେଲେ । ମନୁଷ୍ୟମାନଙ୍କ ଦୃଷ୍ଟିରେ ଏହି ଘଟଣା ଦ୍ୱୟ ଅଦ୍ଭୁତ ହେଲେ ହେଁ, ପରମେଶ୍ୱରଙ୍କ ନିକଟରେ ଅସାଧ କିଛି ନାହିଁ ।

ପ୍ରଥମ ଆଦମ ଶୁଦ୍ଧ, ପବିତ୍ର ଓ ନିଷ୍କଳଙ୍କ ଭାବେ ସଦାପ୍ରଭୁଙ୍କ ଦ୍ୱାରା ଗଢ଼ାଯାଇଥିଲେ । ସେ ନବଜାତ ଶିଶୁ ସଦୃଶ୍ୟ ପାପରହିତ ଥିଲେ । ଦ୍ୱିତୀୟ ଆଦମ ଖ୍ରୀଷ୍ଟଙ୍କ ବିଷୟରେ ପ୍ରେରିତ ପିତର ଲେଖନ୍ତି, ''ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ମୁଖରେ କୌଣସି ଛଳକଥା ନ ଥିଲା ।'' (୧ମ ପିତର ୨:୨୨) ଉଭୟ ଆଦମ ପ୍ରଲୋଭିତ ହୋଇଥିଲେ । ପରୀକ୍ଷାରେ ପରାସ୍ତ ହେବା ଲୋକେ ପାପର ଦାସ ହୁଅନ୍ତି । ସଦାପ୍ରଭୁ ମନୁଷ୍ୟକୁ ଭଲ ଓ ମନ୍ଦର ପାର୍ଥକ୍ୟ ବୁଝିବା ନିମନ୍ତେ ଜ୍ଞାନ ଦେଇଅଛନ୍ତି । ପାପରେ ପରାସ୍ତ ନ ହୋଇ ଧାର୍ମିକତାର ଅନୁଗମନ କରିବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କୁ ସମ୍ମାନିତ କରିଥାଉଁ । ପ୍ରଥମ ଆଦମ ପରିକ୍ଷିତ ହୋଇଥିଲେ, କିନ୍ତୁ ଦ୍ୱିତୀୟ ଆଦମ ''.........ବରଂ ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋ ଭାବେ ପରୀକ୍ଷିତ ହେଲେ ।'' (ଏବ୍ରୀ ୪:୧୫)



ଉଭୟ ଆଦମଙ୍କୁ ସଦାପ୍ରଭୁ ନାମକରଣ କରଥିଲେ । ଲେଖାଯାଏ, ''ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ, ଆଉ ସେମାନେ ସୃଷ୍ଟ ହେବା ଦିନ ସେମାନଙ୍କୁ ଆଶୀର୍ବାଦ କରି ଆଦମ (ମନୁଷ୍ୟ) ନାମ ଦେଲେ ।'' (ଆଦି ୫:୨) । ସେ ଯୀଶୁଙ୍କୁ ଖ୍ରୀଷ୍ଟ ନାମରେ ନାମାଙ୍କିତ କରିଥିଲେ ।

ଉଭୟ ଆଦମଙ୍କ ବିବାହ ସଦାପ୍ରଭୁ କରିଥିଲେ । ମନୁଷ୍ୟକୁ ସୃଷ୍ଟି କରିବା ନିମନ୍ତେ ଏକ ସହକାରିଣୀ ଭାର୍ଯ୍ୟା ସୃଷ୍ଟି କରିଥିଲେ । ସେ ଏକ ପୁରୁଷ ନିମନ୍ତେ ଏକ ଭାର୍ଯ୍ୟାକୁ ସୃଷ୍ଟି କରିଥିବାରୁ ଦ୍ୱିତୀୟ ଭାର୍ଯ୍ୟା ଗ୍ରହଣ କରିବା ସଦାପ୍ରଭୁଙ୍କ ନିୟମ ବିରୁଦ୍ଧ ବୋଲି ଜାଣିପାରୁ । ତେଣୁକରି ବିବାହିତ ପୁରୁଷ ଓ ସ୍ତ୍ରୀ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ନ ହେବା ଈଶ୍ୱରଙ୍କ ଇଚ୍ଛା ଅଟେ । (ମାଥିଉ ୧୯:୩-୯, ୧ମ କରିନ୍ଥୀ ୭:୨-୩) । ପ୍ରଥମ ଆଦମଙ୍କ ସଦୃଶ୍ୟ ଦ୍ୱିତୀୟ ଆଦମଙ୍କର ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ବଧୂ ସ୍ୱରୂପ ଖ୍ରୀଷ୍ଟଙ୍କ ମଣ୍ଡଳୀ ଏହି ଜଗତରେ ସ୍ଥାପିତ କରାଯାଇଅଛି । (୨ୟ କରିନ୍ଥୀ ୧୧:୨, ପ୍ରକାଶିତ ୨୧:୯) ଆଦମଙ୍କୁ ଯେପରି ଏକମାତ୍ର ଭାର୍ଯ୍ୟା ଦତ୍ତ ହୋଇଥିଲା । ଖ୍ରୀଷ୍ଟଙ୍କ ବଧୂ ରୂପ ଖ୍ରୀଷ୍ଟଙ୍କ ମଣ୍ଡଳୀ ମଧ୍ୟ ଏକ ଓ ଅଭିନ୍ନ ଅଟେ ।

ଆଦମଙ୍କୁ ଘୋର ନିଦ୍ରାରେ ନିଦ୍ରିତ କରାଇ ସଦାପ୍ରଭୁ ପ୍ରଥମ ଅସ୍ତ୍ର ଚିକିତ୍ସା କରି ତାହାଙ୍କ ଶରୀରର ପଞ୍ଜର ଦ୍ୱାରା ନାରୀକୁ ସୃଷ୍ଟି କରିଥିଲେ । ସେହିପରି ଯୀଶୁଖ୍ରୀଷ୍ଟ ମୃତ୍ୟୁର ଘୋର ନିଦ୍ରାରେ ନିଦ୍ରିତ ହେବା ଫଳରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇପାରିଥିଲା । ଉଭୟ ଆଦମ ଆପଣା ଆପଣା ଭାର୍ଯ୍ୟାଙ୍କ ନିମନ୍ତେ ମାଂସ ଓ ରକ୍ତ ଦ୍ୱାରା ମୂଲ୍ୟ ପ୍ରଦାନ କରିଥିଲେ । ଯେଉଁ ମଣ୍ଡଳୀ, ଖ୍ରୀଷ୍ଟଙ୍କ ଶରୀର ଓ ରକ୍ତ ଦ୍ୱାରା କ୍ରୀତ ତାହା ଅମୂଲ୍ୟ, ଅମର ଓ ଅକ୍ଷୟ ଅଟେ ।

ହବା ଯେପରି ଆଦମଙ୍କର ସାହାଯ୍ୟକାରିଣୀ ଥିଲେ, ମଣ୍ଡଳୀ ମଧ୍ୟ ଖ୍ରୀଷ୍ଟଙ୍କ ସାହାଯ୍ୟକାରିଣୀ ଅଟେ । ଆଦମ ଓ ହବା ଯେପରି ଏକ ଶରୀର ଥିଲେ, ଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀ ଏକ ଶରୀର ଅଟନ୍ତି ।

ଈଶ୍ୱରଙ୍କ ଯୋଜନାନୁଯାୟୀ ସ୍ତ୍ରୀ ଆପଣା ସ୍ୱାମୀଙ୍କୁ ଧାରଣ କରି ତାହାଙ୍କୁ ସମ୍ମାନିତ କରେ । ସେହିପରି ମଣ୍ଡଳୀ ସ୍ୱାମୀ ଖ୍ରୀଷ୍ଟଙ୍କ ନାମ ଧାରଣ କରି ତାହାଙ୍କୁ ଗୌରବାନ୍ୱିତ କରେ । ଆପଣା ସ୍ୱାମୀଙ୍କ ନାମ ଧାରଣ ନ କରି ଅନ୍ୟଲୋକଙ୍କ ଧାରଣ

ଧାରଣ କରିବାର ଅର୍ଥ ଆପଣା ସ୍ୱାମୀଙ୍କୁ ଲଜ୍ଜା ଦେବା ।

ଉପରଲିଖିତ ଅଂଶଗୁଡ଼ିକରୁ ଉଭୟ ଆଦମ ମଧ୍ୟରେ ଥିବା ସାମଞ୍ଜସ୍ୟ ଜାଣିପାରିଲୁ । ଏବେ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିବା । ପ୍ରଥମ ଆଦମ ପାପ କଲେ, କିନ୍ତୁ ଦ୍ୱିତୀୟ ଆଦମ ପରମେଶ୍ୱରଙ୍କ ଆଜ୍ଞା ପାଳନ କଲେ । ଉଭୟଙ୍କ କର୍ମର ଫଳ ମାନବ ସମାଜକୁ ପ୍ରଭାବିତ କରିଅଛି । ଆଦମଙ୍କ ପାପ, ଦୁଃଖ, ଯନ୍ତ୍ରଣା ଓ ମୃତ୍ୟୁ ଘଟାଇଲା, କିନ୍ତୁ ଯୀଶୁଖ୍ରୀଷ୍ଟ ଆଜ୍ଞାବହତା ଆମ୍ଭମାନଙ୍କୁ ପରିତ୍ରାଣ ଓ ଅନନ୍ତଜୀବନ ପ୍ରଦାନ କରେ । ଆଦମଙ୍କ ପାପର ପ୍ରତିଫଳରେ ମୃତ୍ୟୁ ଆମ୍ଭମାନଙ୍କ ଉପରେ ରାଜତ୍ୱ କରେ, କିନ୍ତୁ ଖ୍ରୀଷ୍ଟଙ୍କ ଆଜ୍ଞାବହତା ଆମ୍ଭମାନଙ୍କୁ ଜୀବନ ଦିଏ । ପ୍ରଥମ ଆଦମଙ୍କ ଅବଜ୍ଞତା ହେତୁ ମନୁଷ୍ୟ ଏଦନ ଉଦ୍ୟାନରୁ ବିତାଡ଼ିତ ହେଲା, କିନ୍ତୁ ଖ୍ରୀଷ୍ଟଙ୍କ ଆଜ୍ଞାବହତା ଆମ୍ଭମାନଙ୍କୁ ସ୍ୱର୍ଗୀୟ ପାରଦୀଶରେ ପ୍ରବେଶ କରାଏ ।

**- Roy Beasley**

❋❋❋

## ''ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ''
### (Exceeding Great and Precious Promises)

ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କର ମହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନଙ୍କ ଦ୍ୱାରା ଆମ୍ଭେମାନେ ଐଶ୍ୱରିକ ସଭାବର ସହଭାଗୀ ହେଉଁ । ପ୍ରେରିତ ପିତର ଏପରି ଲେଖନ୍ତି, ''ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛି, ତଦ୍ୱାରା ସେ ଆମ୍ଭମାନଙ୍କୁ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ ଦାନ କରିଅଛନ୍ତି, ଯେପରି ସେହିସବୁ ଦ୍ୱାରା ତୁମ୍ଭେମାନେ କୁଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛି, ସେଥିରୁ ରକ୍ଷା ପାଇ ଐଶ୍ୱରିକ ସ୍ୱଭାବର ସହଭାଗୀ ହୁଅ ।'' (୧ମ ପିତର ୧:୩-୪)

ଈଶ୍ୱର ପ୍ରତିଜ୍ଞାମାନ (୧) ଅତି ମହତ୍ (୨) ବହୁମୂଲ୍ୟ (୩) ମୁଖ୍ୟ (୪) ଜୀବନ୍ତ (୫) ଶକ୍ତିବନ୍ତ (୬) ଭରସାଯୁକ୍ତ । ଅବ୍ରାହମ ''ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି, ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ଯେ ସକ୍ଷମ, ଏହା ଦୃଢ଼ ରୂପେ



ଜାଣି ତାହାକୁ ଗୌରବ ଦେଇ ବିଶ୍ୱାସରେ ବଳିଦାନ ଦେଲେ ।'' ଆମ୍ଭେମାନେ ତାହାଙ୍କ ସନ୍ତାନ ରୂପେ ପରଗଣିତ ହେବା ନିମନ୍ତେ ତାହାଙ୍କ ଆଦର୍ଶ ଅନୁଗମନ କରୁ ।

ଏବ୍ରୀ ପୁସ୍ତକକର୍ତ୍ତା ଯୀଶୁଙ୍କ ବିଷୟରେ କହନ୍ତି, ''ପୁତ୍ର ହେଲେ ହେଁ ଦୁଃଖ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ । ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।'' (ଏବ୍ରୀ ୫:୮-୯) । ''ଯେ ହଜିଥିଲା, ଆମ୍ଭେ ତାହାର ଅନ୍ୱେଷଣ କରିବା ଓ ଯେ ତାଡ଼ିତ ହୋଇଥିଲା, ତାହାକୁ ପୁନର୍ବାର ଆଣିବା, ପୁଣି ଭଗ୍ନାଙ୍କର କ୍ଷତ ବାନ୍ଧିବା ଓ ପୀଡ଼ିତକୁ ସବଳ କରିବା, ଆଉ ହୃଷ୍ଟପୁଷ୍ଟ ଓ ବଳବାନକୁ ସଂହାର କରିବା ।'' (ଯିହିଜିକଲ ୩୪:୧୬) । ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆମ୍ଭେମାନେ ନମ୍ରଭାବେ ପରମେଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହେଲେ ତାହାଙ୍କ ଏହି ଅଟଳ ପ୍ରତିଜ୍ଞାର ସହଭାଗୀ ହୋଇପାରିବା । ସିଦ୍ଧ ଓ ସରଳ ହୃଦୟରେ ସ୍ୱର୍ଗରାଜ୍ୟର ଅନୁସନ୍ଧାନକାରୀ ପ୍ରତ୍ୟେକେ ତାହାର ସନ୍ଧାନ ପାଇବେ ।

ପ୍ରତ୍ୟେକ ମନୁଷ୍ୟ ବିଶ୍ୱସ୍ତ ଓ ଧାର୍ମିକ ଖ୍ରୀଷ୍ଟିୟାନ ଜୀବନଯାପନ କରିବା ଆବଶ୍ୟକ କାରଣ, ''ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ, ଆଉ, ତାହାପରେ ବିଚାର ନିରୁପିତ ଅଛି ... ...।'' (ଏବ୍ରୀ ୯:୨୭-୨୮) । ଗୀତ ସଂହିତାରେ ଲିଖିତ ମୋଶାଙ୍କ ପ୍ରାର୍ଥନାରେ ଲେଖାଯାଏ, ''ଆମ୍ଭମାନଙ୍କ ଆୟୁର ପରିମାଣ ସତୁରୀ ବର୍ଷ, ଅଧିକ ବଳ ସକାଶୁ ଅଶୀ ହୁଏ, ତଥାପି ତହିଁର ଗର୍ବ ଓ ପରିଶ୍ରମ ଦୁଃଖ ମାତ୍ର । କାରଣ ତାହା ଶୀଘ୍ର ବହିଯାଏ ଓ ଆମ୍ଭେମାନେ ଉଡ଼ିଯାଉ ।'' (ଗୀତ ୯୦:୧୦)

ପିତା ପରମେଶ୍ୱରଙ୍କ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ ଆମ୍ଭେ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଠାରେ ବିଶ୍ୱାସ କରି ବାପ୍ତିଜିତ ହେବା ଦ୍ୱାରା ପ୍ରାପ୍ତ ହୋଇଥାଉଁ । ଅବିଶ୍ୱସ୍ତ ଓ ଅନାଜ୍ଞାବହମାନଙ୍କ ନିମନ୍ତେ ଈଶ୍ୱରଙ୍କ ବାକ୍ୟ କୌଣସି ଆଶୀଷ ପ୍ରତିଜ୍ଞା କରେ ନାହିଁ, ସେମାନଙ୍କ ଶେଷ ଗତି ନରକ । ଆପଣ କି ପରମେଶ୍ୱରଙ୍କ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନର ସହଭାଗୀ ହେବା ଇଚ୍ଛୁକ ? ତାହା ହେଲେ ଆଜ୍ଞାପାଳନ କର (୨ ପିତର ୧:୩, ମାର୍କ ୧୬:୧୫-୧୬)

***- Charles Box***

❋❋❋

**Edited & Published by : Kabita & Joshua Gootam**